# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ସେବେ, ଏପରି ସନ୍ଧ୍ୟାରେ

ହସିଥିଲା ବନମଲ୍ଲୀ ପ୍ରଥମ ତା' ପ୍ରସୂତ ସଂଭାରେ

ଶିହରାଇ ଉପବନ, ଚହଲାଇ ଶକୁନ୍ତଳା ପ୍ରାଣ,

ଚହଟାଇ ଚଉଦିଗ ସୃଜନ ଅମୃତ ଆହ୍ବାନ ।

କୁମୁଦିତ ଯଉବନେ ପ୍ରିୟମ୍ବଦା କହିଥିଲା ଛଳି

ସଖି ମୁଖେ ଚୁମା ଦେଇ, ' କାଞ୍ଚିଲାର ସାଥେ କିଆଁ କଳି

କରୁ କିଲୋ ନିତି ନିତି? ତାର କିବା ହେଲା ଅପରାଧ?

ତୋ ତନୁରେ ଏହି କ୍ଳେଶ ବିନ୍ଧିଅଛି ଫୁଲଶର ବ୍ୟାଧି,'

'ଲାଜରେଖା ତତେ' କହ ଅନସୂୟା ' ଭାରି ମାନେ ସଖି!'

ମୃଗଶିଶୁ ଋଷିକନ୍ୟା ପଛେ ଧାଏଁ ହାତୁଁ ତୃଣ ଭକ୍ଷି ।

ଶତ ବ୍ରହ୍ମଚାରୀ କଣ୍ଠୁ ଓଁକାରିତ ସାମମନ୍ତ୍ର-ଧ୍ବନି

ଦୀପ୍ତଶିଖା ଟେକି ଜଳେ ଘୃତଗନ୍ଧି ହୋମପୂତ ବହ୍ନି ।

ଆଶ୍ରମର ତରୁତଳେ ନମ୍ରହୁଏ ରାତ୍ରିର ଅନ୍ଧାର,

ବନ ପ୍ରାନ୍ତୁ ଭାସିଆସେ ମୃଦୁବାସ ରଜନୀଗନ୍ଧାର ।

ସେବେ, ଏପରି ସନ୍ଧ୍ୟାରେ

www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ସାଧବଘରର ବୋହୂ ନିନ୍ଦୁଥିଲା ,ଆଗାମୀ ଅନ୍ଧାର

“କାହିଁ ମୋ ରହିଲେ ନାଥ! ଦରିଆର କଳା କଳା ପାଣି;

ବୋଇତକୁ ଲେଉଟାଇ ଆଣ ଭଲେ ମାଗୋ ଠାକୁରାଣୀ ।”

ବୃନ୍ଦାବତୀ ପାଶେ ଥାପି ଘିଅଦୀପ , ଶିରେ ଛୁଇଁ ମାଟି

ନୀରବ ପ୍ରାର୍ଥନା ଛଳେ ଦେବୀପାଶେ ମେଲି ଦିଏ ଛାତି ।

ଗ୍ରାମ ପ୍ରାନ୍ତ ଦେବାଳୟେ ବାଜେ ଘଣ୍ଟା ଘୋଷିଉଠେ ଶଙ୍ଖ

ଦେବତାର ଆଶୀର୍ବାଦ ମଧୁମୟ, ମନ୍ଦ୍ର ଓ ନିଃଶଙ୍କ ।

ସେବେ, ଏପରି ସନ୍ଧ୍ୟାରେ

ଗାଦିଘରେ ବସି ସର୍ବେ ଗ୍ରାମବାସୀ ମାଇପି ମରଦ

ବ୍ରାହ୍ମଣ ଚାଷୀ କଣ୍ଡରା ଶୁଣିଥିଲେ ଗୀତା ଭାଗବତ ।

ପୋଲାଙ୍ଗ ତେଲର ସ୍ନିଗ୍ଧ ଆଲୋକରେ ପଣ୍ଡିତ ପୂଜାରୀ

କରୁଥିଲା ପୋଥିପାଠ; ଦଗ୍ଧ ପ୍ରାଣେ ସିଞ୍ଚି ଆଶାବାରି,

କହୁଥିଲା ଧରମ ଶତ ଶତ କୁହୁକ କାହାଣୀ,

କେସନେ ଧରମେ ହୋନ୍ତି ଆତଯାତ ଏଥି ସର୍ବପ୍ରାଣୀ

ଅତ୍ୟାଚାରେ ଅନାଚାରେ ସ୍ବର୍ଣ୍ଣପୁରୀ ହୋଇଲାକି ଧ୍ବଂସ,

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ଦୁଃଶାସନ ଫଳେ ନାଶ ଗଲେ ଯେତେ କୁରୁ ଅବତଂସ ।

ସାବିତ୍ରୀ ଆଖ୍ୟାନ ଶେଷେ ପ୍ରତିପ୍ରେମେ ଉଠେ ହୁଳହୁଳି;

ଅଜାଣତେ ମର୍ମସ୍ଥଳ ସ୍ପର୍ଶ କରେ ଆର୍ଦ୍ଦଶର ତୂଳୀ ।

ଶ୍ରୋତା ନେତ୍ରୁ ଝରିପଡ଼େ ଗଦଗଦ ଭକ୍ତିର ସଲିଳ,

ରସାପ୍ଲୁତ, ଅମାୟିକ, ଶାନ୍ତିମୟ ମୁଗ୍ଧ, ଅନାବିଳ ।

ଛନ୍ଦହରା ଜୀବନରେ ଛନ୍ଦେ ଫେରେ, ଗତି ହୁଏ ସ୍ଥିର;

"ହରି ବୋଲ", ସଭା ଭାଙ୍ଗେ ରାତ୍ରୀ ହୁଏ ଗଭୀର ଗଭୀର ।

ସେବେ, ସେପରି ସନ୍ଧ୍ୟାରେ

ଗାଆଁ ଦାଣ୍ଡ ପୂରୁଥିଲା ଘରମୁହାଁ ଗାଈଙ୍କ ହମ୍ବାରେ;

ଗାଈଆଳ ଟୋକା ଦି'ଟା ଫେରୁଥିଲେ ଝୁମୁର ବଜାଇ

ମଝିରେ ମଝିରେ ଡ଼ାକମାରି ଉଚ୍ଚେ ' ଗାଈ ଗଲେ ଗାଈ' ।

ପଧାନ ନାତୁଣୀବୋହୂ, ଥିରି ଚାଲେ, ଓଜନିଆ ଗରା

ଧରି ସେ ନଈରୁ ଫେରେ, ଯାଆ ମେଳେ ଚହଲେ ଟାପରା;

ଶାଶୁ କହେ ଟାଣେ, " କିଲୋ, ନଈକୂଳେ କଲୁ କି ଘଈତା?"

ବାପଘର ମନେପଡ଼େ, ସାନବୋହୂ ଓଦାକରେ ପତା ।

ପୁଅକୁ ଆଡ଼େଇ ଦେଇ ତରବରେ ସଂଜ ଦିଏ ବଡ଼,

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

'ହ, ହ', ଖଳାରେ ଲାଗିଲା ଆସି ପଧାନର କଳେଇ ଶଗଡ଼ ।

ସେବେ, ସେପରି ସନ୍ଧ୍ୟାରେ

ବୋହୂଙ୍କୁ ତିଆରି, "ଆଲୋ, ଯାଆ ତମେ ସବୁ ହାଣ୍ଡି ଶାଳେ

ଆଈମା' ମେଲୁଥିଲା ଅସରନ୍ତି କାହାଣୀର ପେଡ଼ି

ସାଇଯାକ ଛୁଆପିଲା ବସିଥାନ୍ତି ଚାରିକଡ଼େ ବେଢ଼ି-

ଶୁଣିବାକୁ: ରାଜାପୁଅ, ମନ୍ତ୍ରୀପୁଅ, କଟୁଆଳ କଥା;

ତିନିମିତ, ରାଜଜେମା ସୁନାପକ୍ଷୀ କରିଛି ଶରଧା;

ଯିଏ ତାକୁ ଆଣିଦେବ, ପଣ ତାର, ତାକୁ ହେବ ବିଭା,

ତିନିମିତ ବିଚାରିଲେ, ସୁନାପକ୍ଷୀ ଖୋଜିବାକୁ ଯିବା ।

ଅଗନାଗ୍ନି ବନସ୍ତରେ ବାସକରେ ବୁଢ଼ୀ ଅସୁରୁଣୀ;

ସାତତାଳେ ପାଣି ତଳେ ସାତତାଳ ପଙ୍କ ଅଛି ପୁଣି

ତା' ତଳେ ସାତ ଫରୁଆ, ଫରୁଆରେ ମୁଦି ଆଉ ବାଳ,

ସେ ବାଳକୁ ଛିଣ୍ଡାଇଲେ ହେବ ଯାଇ ଅସୁରୁଣୀ କାଳ ।

ଶୁଣ ଶୁଣ ପିଲାମାନେ ଉଡ଼ିଲେ ଲୋ ପ୍ରଳଂବ ଘୁଙ୍ଗୁଡ଼ି,

ସପନରେ ସୁନାପକ୍ଷୀ ଯାଉଅଛି ଡ଼ାଳୁ ଡ଼ାଳେ ଉଡ଼ି ।



www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ଏବେ, ସେପରି ସନ୍ଧ୍ୟାରେ

ତ୍ରସ୍ତ ସୂର୍ଯ୍ୟ କରେ ରକ୍ତ ବାନ୍ତି

କ୍ଷତ, ପଞ୍ଜରାଗତ, ଏ ଧୂସର ରାସ୍ତାରେ ରାସ୍ତାରେ ।

କଣ୍ଟ୍ରୋଲ ଦୋକାନ ସାମାନାରେ

କିରାସିନି ପାଇଁ ଦୀର୍ଘ ଲଙ୍ଗଳା ଲୋକଙ୍କ କ୍ୟୁ...

ଛ'ଟା ସ୍ବୟଂଭୂ ପେଟୁଆ ଛୁଆ

ବଗି ପାଖରେ ଦାବି କରନ୍ତି ବିରକ୍ତ କୃପା ।

ଚୁପ୍ ଚୁପ୍... ଚୋରା ନୁଚା...

ଲଙ୍କା ମରିଚର ବଢ଼ିଗଲା ଭାଉ,

କ୍ରମେ କ୍ରମେ ଦୀର୍ଘତର ହୁଏ ଲଙ୍ଗଳା ଲୋକଙ୍କ କ୍ୟୁ...

ରୁଦ୍ଧ ଦରଜା ଦୀର୍ଘ କରି

ଉଠେ ବୁଭୁକ୍ଷିତ ଶିଶୁର କଣ୍ଠଭରା ବିଦ୍ରୋହର ପାଞ୍ଚଜନ୍ୟ ।

ଅଦମ୍ୟ

ଘଡ଼ବାଲି ସୈନ୍ୟ ଇଙ୍ଗିତ ନେବା ଲାଗି ।

ରିକ୍ସା ଅଣଓସାରିଆ ଗଳି ଭିତରକୁ ନେବା ଲାଗି ।

ସାଇରେନ୍‌ର ଚିତ୍କାର

www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ଭୟାର୍ତ୍ତ ନଗରୀର ଶଙ୍କିତ ଜନତାକୁ କରିଦିଏ ସାବଧାନ ।

ବୋମା! ବୋମା!

ଅଶ୍ଳୀଳ ଗଳିରେ ମୁମୂର୍ଷୁ

ପିଉଛି ଆକଣ୍ଠ ନର୍ଦ୍ଦମାର ବହଳିଆ କଳାପାଣି,

ଘର୍ଘର ଆବାଜ

ଶତ୍ରୁ! ଶତ୍ରୁ! ବୋମା ବୋମା!

ଓ : ଏମ୍ବୁଲେନସ୍ ଲରୀ

ପଳାୟମାନ ଜନତାକୁ ରୋକେ ସିଭିଲ୍‌ଗାର୍ଡ଼ ।

ଶୋଇପଡ଼! ଶୋଇପଡ଼! ଚୋର! ଚୋର!

ଅମାନିଆ ବେଗ ଛୁଟିଗଲା

ଆଗ ପଛ ତିନିଟା ମୋଟର

ଘେନି ନିଆଁଲିଭା ଦଳ

ଘର୍ଘର ଆବାଜ..

ଉଡ଼ାଜାହାଜ!

ଶତ୍ରୁର?

www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ଆମର?

????!!!!??!?!!

ମ୍ୟୁନିସିପାଲିଟିର ମଢ଼ାବୁହା ଗାଡ଼ି

ତୋଳି ନିଏ ସ୍ଥାନେ ସ୍ଥାନେ ତା'ର ଯାତ୍ରୀ

ରାତ୍ରୀର କମାଣ ଫୁଟ ଅନ୍ଧାରର କଳାଧୂଆଁ ଉଦ୍‌ଗାରି

ଉଚ୍ଚ ନୀଚର କରି ସମାନ!

ଏ.ଆର୍.ପି. ପୋଷ୍ଟରେ ଜଳି ଉଠେ ନିଷ୍ପ୍ରଭ ବତୀ ।

ସେଲ୍‌ଟର ତଳୁ ଆସେ କୁକୁରୀର ପ୍ରସବ-ବେଦନା

ଶାନ୍ତିଃ, ଶାନ୍ତିଃ,ଶାନ୍ତିଃ ।

ଏପରି ଏକ ସନ୍ଧ୍ୟାରେ

ଆଜିଠାରୁ ବିଂଶ ବର୍ଷ ପରେ

ଗ୍ରାମେ ଗ୍ରାମେ ନଗରେ ନଗରେ

ସମ୍ମିଳିତ ସ୍ୱରେ

ଆମେରେ ଗାଇବା ଗାନ

ଲଳିତ କଣ୍ଠେ, କଳିତ ଛନ୍ଦେ ପ୍ରାଣେ ମିଳାଇ ପ୍ରାଣେ;

ଗୋଟି, ଲାଗି ଗୋଟିଏ ଚାହିଁ



www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

କୋଟିଏ ଲାଗି ଗୋଟିଏ ରାୟ

ଊର୍ଦ୍ଧ୍ୱେ ଊର୍ଦ୍ଧ୍ୱେ ଉଠାଅ ସାଥୀ

ଉଠାଅ ରଙ୍ଗା ନିଶାଣ ।

ଲଳିତ କଣ୍ଠେ, କଳିତ ଛନ୍ଦେ ପ୍ରାଣେ ମିଳାଇ ପ୍ରାଣ

ଆମେରେ ଗାଇବା ଗାନ:

ସେ ଗାନ ଉଠିବ ଗଗନ ଭେଦି

ସେ ମାନ ଉଠିବ ବନ୍ଧନ ଛେଦି

ବନ୍ଧନହୀନ ଆମ

ମୁକ୍ତିର ନବତନ ଅଭିଯାନ

ବିଂଶ ବର୍ଷ ପରେ ବନ୍ଧୁ ତୁମ ସାଥେ ଗାଇବା ଏ ଗାନ ।

ଏପରି ଏକ ସନ୍ଧ୍ୟାରେ

ଆଜିଠରୁ ବହୁ ବର୍ଷ ପରେ

ଅନ୍ତରେ ଅନ୍ତରେ

ହେବ ଅନନ୍ତ ବିକାଶ

ଶିଶିରେ ଯେହ୍ନେ ଆକାଶ ।

www.jataayu.org

# ଶତାବ୍ଦୀ ଓ ଶତାବ୍ଦୀ

କବି ରଘୁନାଥ ଦାସ

ଅଦ୍ଭୁତ ଉଦୟ

ପରଂ ଜ୍ଞାନମୟ

ତମଃ ଦୂରଂ ଗଚ୍ଛ

ଆଲୋକର ଉତ୍ସ...

ଭର୍ଗୋ ଦେବସ୍ୟ ଧୀମହି

ଧିୟୋ ଯୋ ନଃ ପ୍ରଚୋଦୟାତ୍

ଉତ୍ତିଷ୍ଠତ, ଜାଗ୍ରତ

ପ୍ରାପ୍ୟବରାନ୍ ନିବୋଧତ

ବିଶ୍ବପ୍ରାଣେ

ନିର୍ବାଣ

ସୋହଂ

ଓଁ

www.jataayu.org